# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 September – 2025

*********************************

## ମୁଖ୍ୟ ସମ୍ବାଦ

- ପର୍ଯ୍ୟଟକଙ୍କୁ ପ୍ରାମାଣିକ, ସାଂସ୍କୃତିକ ଓ ଗ୍ରାମୀଣ ଅଭିଜ୍ଞତା ପ୍ରଦାନ ପାଇଁ କାର୍ଯ୍ୟକାରୀ ହେବ 'ଓଡ଼ିଶା ହୋମ୍‌ଷ୍ଟେ' ପ୍ରତିଷ୍ଠା ଯୋଜନା
- ରାଜ୍ୟରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁ ଥିବା ପୁଲିସ୍ ଏସ୍‌ଆଇ ଲିଖିତ ପରୀକ୍ଷା ସ୍ଥଗିତ
- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଉଛି ନବମୀ ପୂଜା

— କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ସମ୍ପନ୍ନ ହେଲା ଛତରଯାତ୍ରା

ଏବଂ

- ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ସମ୍ଭାବନା; ପ୍ରଭାବରେ ରାଜ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

## ହୋମ୍-ଷ୍ଟେ

ଓଡ଼ିଶା ହୋମ୍-ଷ୍ଟେ ପ୍ରତିଷ୍ଠା ଯୋଜନା ୫ ବର୍ଷ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗ୍ରାମୀଣ ଏବଂ ଦୃଷ୍ଟି ଆଢୁଆଳରେ ଥିବା ସ୍ଥାନଗୁଡ଼ିକରେ ହୋମ୍-ଷ୍ଟେ ବାସସ୍ଥାନକୁ ପ୍ରୋତ୍ସାହିତ କରିବା, ପର୍ଯ୍ୟଟନରେ ସମ୍ପ୍ରଦାୟର ଅଂଶଗ୍ରହଣକୁ ଉତ୍ସାହିତ, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ପର୍ଯ୍ୟଟକମାନଙ୍କୁ ପ୍ରାମାଣିକ, ସାଂସ୍କୃତିକ ଓ ଗ୍ରାମୀଣ ଅଭିଜ୍ଞତା ପ୍ରଦାନ କରିବା ଯୋଜନାର ମୁଖ୍ୟ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ଅଧିସୂଚିତ ଗ୍ରାମପଞ୍ଚାୟତରେ ନୂତନ ଗୃହନିବାସ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ। ଯୋଜନା ଅଧୀନରେ ପ୍ରାୟ ୪୫୦ ନୂତନ ଗୃହନିବାସ, ୧୮ ଶହ ଶଯ୍ୟା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଏସ୍ଆଇ ପରୀକ୍ଷା ସ୍ଥଗିତ

ରାଜ୍ୟରେ ଆସନ୍ତା ୫ ଓ ୬ ତାରିଖରେ ହେବାକୁ ଥିବା ପୁଲିସ୍ ସବ୍ଇନିସ୍ପେକ୍ଟର ଲିଖିତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଓଡ଼ିଶା ପୁଲିସ୍ କର୍ମଚାରୀ ନିଯୁକ୍ତି ପରିଷଦର ଅଧ୍ୟକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ସାନୀ ପରୀକ୍ଷା ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଶିକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ସହାୟତା ନମ୍ବର ୯୦୪୦-୪୯୩-୨୨୩ ଜାରି କରାଯାଇଥିଲା। ଅପ୍ରତ୍ୟାଶିତ କାରଣକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ବାତିଲ କରାଯାଇଛି।

## ମାଦକଦ୍ରବ୍ୟ ନିଷେଧ

ପୁରୀ ଶ୍ରୀମନ୍ଦିରର ୧ କିଲୋମିଟର ପରିଧି ଓ ବଡ଼ଦାଣ୍ଡରେ ମାଦକଦ୍ରବ୍ୟ ନିଷେଧ ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବଡଦାଣ୍ଡ ଏବଂ ସଂଯୋଗ କରୁଥିବା ଗଳି ରାସ୍ତାରେ ଆମିଷ ବିକ୍ରିକୁ ମଧ୍ୟ ନିଷେଧ କରାଯାଇଛି । ଆଧ୍ୟାତ୍ମିକତାର ସୁରକ୍ଷା ଏବଂ ମନ୍ଦିର ପାର୍ଶ୍ୱରେ ତାମସିକ ବାତାବରଣକୁ ପ୍ରତିହତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି । ମାଦକଦ୍ରବ୍ୟ ବିକ୍ରୟ ନିଷେଧ ନେଇ ସ୍ୱତନ୍ତ୍ର ନୀତି ଆସିବା ପରେ ଏହାକୁ କଡାକଡି ଭାବରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

## ଜିଏସ୍‌ଟି

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୨୨ ତାରିଖରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦେଶବ୍ୟାପୀ ଲାଗୁ କରାଯାଇଛି । ଏହି ସଂସ୍କାରରେ ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସ ହାର ହ୍ରାସକୁ ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ସ୍ୱାଗତ କରାଯାଉଛି । ଜିଏସ୍‌ଟି ୨.୦ରେ ନିର୍ମାଣ ସାମଗ୍ରୀ ଉପରେ ଦର ହ୍ରାସ କରାଯାଇଛି । ମାର୍ବଲ, ଗ୍ରାନାଇଟ୍, ସିମେଣ୍ଟ ଆଦି ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ସରକାର ହ୍ରାସ କରିଛନ୍ତି । ଏହି ପଦକ୍ଷେପ ଯୋଗୁଁ ଗୃହ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଅଧିକ ଲାଭାନ୍ୱିତ ହେବେ । ସିମେଣ୍ଟ ଉପରେ ଜିଏସ୍‌ଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

## ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି । ପୃଥିବୀରେ ୬ ହଜାର ୫୦୦ରୁ ଅଧିକ କଥିତ ଭାଷା ଅଛି । ଯାହାର ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅନୁବାଦକମାନେ ସାହାଯ୍ୟ କରିଥାନ୍ତି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

## ନବରାତ୍ର ପୂଜା

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ଶକ୍ତିପ୍ରଦାୟିନୀ ମା' ଦୁର୍ଗାଙ୍କର ନବମୀ ପୂଜା ଚାଲିଛି। ନବମ ଦିବସରେ ମା' ସିଦ୍ଧିଦାତ୍ରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି। ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଅଷ୍ଟମୀ ପୂଜା ସ୍ୱତନ୍ତ୍ର ନୀତିକାନ୍ତିରେ ଅନୁଷ୍ଠିତ ହେଉଛି। ମହାସପ୍ତମୀରେ ଗତକାଲି ମା'ଙ୍କର ଚକ୍ଷୁଦାନ କରାଯାଇଥିଲା । ଆଜି ମହାଷ୍ଟମୀରେ ସନ୍ଧିପୂଜା କରାଯାଉଛି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

ଜଗତ୍‌ଜନନୀ, ଜଗଦ୍ଧାତ୍ରୀ, ଆଦ୍ୟାଶକ୍ତି, ମା' ଦୁର୍ଗାଙ୍କର ଶାରଦୀୟ ଧରାବତରଣ ଅବସରରେ ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି। ଷୋଡ଼ଶ

ଦିନାତ୍ମକ, ନବରାତ୍ରି ଓ ତ୍ରିଦିନାତ୍ମକ ପୂଜା ସହ ମା'ଙ୍କୁ ଭକ୍ତିପୂତ ଆବାହନ କରାଯାଇଛି। ଘଣ୍ଟଘଣ୍ଟା, ହୁଳହୁଳି ଓ ଭକ୍ତର ଆବେଗପୂର୍ଣ୍ଣ ଭାବଭକ୍ତିରେ ମଣ୍ଡପରୁ ମନ୍ଦିର ମୁଖରିତ ହୋଇଉଠିଛି। ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନୀରେ ଅଭିମନ୍ତ୍ରିତ ହେଉଛି ପୂଜାସ୍ଥଳୀ।

**କଟକ**ର ଅଧିଷ୍ଠାତ୍ରୀ ଦେବୀ ମା' କଟକଚଣ୍ଡୀଙ୍କ ପୀଠରେ ମାଆ ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି।

**ନୂଆପଡ଼ା** ଜିଲ୍ଲା ଖଡିଆଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଏବଂ ଗଡ଼ରକ୍ଷକ ଦେବୀ ମା'ରକ୍ତାମ୍ବରୀଙ୍କୁ ବତିଶ ବାଦ୍ୟ ପାରରେ ଆଳତୀ କରାଯାଇଛି। **ଜଗତ୍‌ସିଂହପୁର**ସ୍ଥିତ ଝଙ୍କଡର ମା' ଶାରଳାଙ୍କ ପୀଠରେ ଧୁମ୍‌ଧାମ୍‌ରେ ମହାଷ୍ଟମୀ ପୂଜା ଚାଲିଛି।

**ନୟାଗଡ଼** ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ପୂଜା ଚାଲିଛି। ଜିଲ୍ଲାର ଓଡ଼ଗାଁ ବ୍ଲକ୍ ଜାମୁକୋଣ ପାହାଡରେ ଅବସ୍ଥାପିତ ମା' ବୈଷ୍ଣୋଦେବୀଙ୍କ ପୀଠରେ କୋଣ-ଅନୁକୋଣରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଜିଲ୍ଲାର ରଣପୁରରେ ଥିବା ପ୍ରସିଦ୍ଧ ମଣିନାଗ ଓ କଣ୍ଟିଲୋ ନୀଳମାଧବ ପୀଠରେ ଥିବା ବିମଳା ମନ୍ଦିରରେ ମଧ୍ୟ ନବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଉଛି।

**ଢେଙ୍କାନାଳ** ଜିଲ୍ଲାର ବିଭିନ୍ନ ଦେବୀପୀଠଗୁଡ଼ିକରେ ମା' ଦୁର୍ଗାଙ୍କର ଷୋଡଶ ଉପଚାରରେ ପୂଜାବିଧି ଅନୁଷ୍ଠିତ ହେଉଛି। କାମାକ୍ଷାନଗରରେ ୧୩ଟି ପୂଜା ମଣ୍ଡପ ଏବଂ ଓଡ଼ପଡାର ଦଣ୍ଡିମାଳର ୧୯ଟି ପୂଜାମଣ୍ଡପରେ

ମା’ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜା ଅତ୍ୟନ୍ତ ଶ୍ରଦ୍ଧା ଓ ଉଲ୍ଲାସର ସହ ପାଳନ କରାଯାଉଛି ।

**ଗଞ୍ଜାମ** ଜିଲ୍ଲାର ବିଭିନ୍ନ ଦେବୀପୀଠରେ ମହାଷ୍ଟମୀ ପୂଜା ମହାସମାରୋହରେ ଆଜି ପାଳନ କରାଯାଉଛି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରେଣୀଙ୍କ ପୀଠରେ ମହାଗୌରୀ ବେଶରେ ମା’ ଦର୍ଶନ ଦେଉଛନ୍ତି । ସନ୍ଧ୍ୟାରେ ମହାକାଳୀ ବେଶରେ ମା’ ଦର୍ଶନ ଦେବେ । ଖଲ୍ଲିକୋଟର ତନ୍ତ୍ରପୀଠ ମା’ ନାରାୟଣୀ, ଆଶିକାର ମା’ ଖମ୍ବେଶ୍ୱରୀ ଓ ମା’ ଭୈରବୀଙ୍କ ପୀଠରେ ଅଷ୍ଟମୀ ପୂଜା ନୀତିକାନ୍ତିର ସହ କରାଯାଉଛି ।

ଭକ୍ତ ଓ ଭଗବାନ୍‌ଙ୍କର ମହାମିଳନ ପର୍ବର ଅଭୂତପୂର୍ବ ଦୃଶ୍ୟ  ବିଭିନ୍ନ ପୂଜାମଣ୍ଡପରେ ପରିଲକ୍ଷିତ ହେଉଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

# ଛତର ଯାତ୍ରା

କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଆଜି ସମ୍ପନ୍ନ ହୋଇଯାଇଛି । ପ୍ରତିବର୍ଷ ପରି ମହାଷ୍ଟମୀ ମଧ୍ୟରାତ୍ରିରେ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା’ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଜେନାଖାଲକୁ ନିଆଯାଇଥିଲା । ସେଠାରେ ଗୁପ୍ତପୂଜା ପରେ ଆଜି ପ୍ରାତଃରୁ ଦେବୀଙ୍କ ଛତର୍‌ର ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଥିଲା ।

ଏ ସମ୍ପର୍କରେ ଶୁଣନ୍ତୁ ଆମ କଳାହାଣ୍ଡି ସମ୍ବାଦଦାତାଙ୍କ ଏକ ସ୍ୱତନ୍ତ୍ର ରିପୋର୍ଟ....

**- V/O –**

# ସେବାପର୍ବ-ଜାତୀୟ ଶିକ୍ଷାନୀତି

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି-୨୦୨୦ ମାଧ୍ୟମରେ ଭାରତ ପାଇଁ ଏକ ଆଧୁନିକ, ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିଥିବା ପ୍ରଶସ୍ତ ଶିକ୍ଷାବ୍ୟବସ୍ଥା ସଂପର୍କରେ ଏକ ରିପୋର୍ଟ...........

**Seba Parba Opening**

ଶିକ୍ଷାର ମୂଳଦୁଆ ଉପରେ ରାଷ୍ଟ୍ରର ଭବିଷ୍ୟତ ନିର୍ଭର କରିଥାଏ । ଯାହା ଭବିଷ୍ୟତ ପିଢ଼ିର ଭାଗ୍ୟ ନିର୍ଦ୍ଧାରଣ କରିଥାଏ ।  ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରାଯାଇଥିଲା । ଏହି ନୀତି ଭାରତର ଶିକ୍ଷା ବ୍ୟବସ୍ଥାକୁ ପୁନରୁଦ୍ଧାର କରିବା ଏବଂ ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ କାର୍ଯ୍ୟକାରୀ କରାଯାଇଛି ।

ପ୍ରଧାମନ୍ତ୍ରୀ ଶ୍ରୀ ମୋଦୀ ଜାତୀୟ ଶିକ୍ଷାନୀତି ଉପରେ ଉଦ୍‌ବୋଧନ ଦେଇ କହିଛନ୍ତି...

**V/O (PM - NEP-2020)**

ଜାତୀୟ ଶିକ୍ଷାନୀତି-୨୦୨୦ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ବୃତ୍ତିଗତ ଓ ବ୍ୟବହାରିକ ଦକ୍ଷତାକୁ ସାମିଲ କରି ଶିକ୍ଷାକୁ ବିକାଶର ମୁଖ୍ୟ ଧାରା ସହ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରୁଛି। ଜାତୀୟ ଶିକ୍ଷାନୀତିରେ ମୂଳ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଧାରା, ପାଠ୍ୟକ୍ରମ ଏବଂ ବୃତ୍ତିଗତ ଧାରା ମଧ୍ୟରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ଜାତୀୟ ଶିକ୍ଷାନୀତିରେ ଭାରତ ଏକ ସମାବେଶୀ, ଶିକ୍ଷାର୍ଥୀକୈନ୍ଦ୍ରୀକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ପକାଇଛି। ନିରନ୍ତର ପ୍ରତିବଦ୍ଧତା ଏବଂ ସହଯୋଗ ସହିତ ଜାତୀୟ ଶିକ୍ଷାନୀତି କେବଳ ଜ୍ଞାନ ପ୍ରଦାନର ଏକ ମାଧ୍ୟମ ନୁହେଁ, ବରଂ ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଦକ୍ଷତା ଏବଂ କୌଶଳ ପ୍ରତିଫଳିତ କରୁଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗରରେ ଆଜି ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର

ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୫ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲା ରାଇକିଆରେ ସର୍ବାଧିକ ୪୮ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।